**Lang. Code : 14**

# ATA-19-II

**प्रश्न-पत्र II / PAPER II**

**उड़िया भाषा परिशिष्ट**

**Odia Language Supplement**

**भाग IV & V / PART IV & V**

परीक्षा पुस्तिका संकेत
**Test Booklet Code**

**E**

परीक्षा पुस्तिका संख्या
**Test Booklet No.**

इस पुस्तिका में **20** पृष्ठ हैं ।
This booklet contains **20** pages.

**इस परीक्षा पुस्तिका को तब तक न खोलें जब तक कहा न जाए ।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें ।**
**Read carefully the Instructions on the Back Cover (Page 19 & 20) of this Test Booklet.**

**उड़िया में निर्देशों के लिए इस पुस्तिका का पृष्ठ 2 देखें । / For instructions in Odia see Page 2 of this Booklet.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत** है **E** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा-I (उड़िया) (प्र. 91 से प्र. 120)
   भाग-V : भाषा-II (उड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is **E**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language-I (Odia) (Q. 91 to Q. 120)
   Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :
अनुक्रमांक : (अंकों में) ____________________
Roll Number : in figures
: (शब्दों में) ____________________
: in words
परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :
परीक्षार्थी के हस्ताक्षर : ____________________ निरीक्षक के हस्ताक्षर : ____________________
Candidate's Signature : Invigilator's Signature :
Facsimile signature stamp of
Centre Superintendent ____________________

**E**

**Lang. Code : 14**

# ATA-19-II

ପରୀକ୍ଷା ପୁସ୍ତକ କୋଡ

**E**

ଏହି ପୁସ୍ତକରେ **20** ପୃଷ୍ଠା ଅଛି ।

## ପ୍ରଶ୍ନପତ୍ର II
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀ ଭାଗ I ଓ ଭାଗ II **ଅଥବା** ଭାଗ III ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **E** । ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା-2**ରେ ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ (ବଡ ଅକ୍ଷରରେ ଲେଖନ୍ତୁ) : ______________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ______________________

: ଶବ୍ଦରେ ଲେଖନ୍ତୁ ______________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ______________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of

Centre Superintendent : ______________________

ପରୀକ୍ଷାର୍ଥୀ **ଭାଷା – I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – IV** ରେ **(ପ୍ରଶ୍ନ ସଂଖ୍ୟା 91-120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV [Q. No. 91 – 120],** if they have opted **ODIA** as **LANGUAGE – I** only.

## ଭାଗ – IV
## ଭାଷା – I
## ଓଡ଼ିଆ

| |
|---|
| ପରୀକ୍ଷାର୍ଥୀ ଭାଷା – **I** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **IV** ରେ (ପ୍ରଶ୍ନ ସଂଖ୍ୟା **91-120**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦଟି ପାଠ କରି ପ୍ରଶ୍ନସଂଖ୍ୟା 91 – 99 ର ଉତ୍ତର ପ୍ରଦାନ କର ।**

ମନୁଷ୍ୟର ବୋଧହୁଏ ସବୁଠୁବେଶୀ ପ୍ରିୟ ତା'ର ଅତୀତ, ତା'ର ଇତିହାସ । ସେଥିପାଇଁ ସେ ତା'ର ଅତୀତ ଦିନକୁ ପ୍ରତିବର୍ଷ ନିତ୍ୟ ନୂତନ ରୂପରେ ଦେଖିବାକୁ ଚେଷ୍ଟାକରେ । ନିଜର ଜନ୍ମଦିନ ଯେମିତି ପାଳନ କରେ ଜାତି ଓ ଦେଶର ଜନ୍ମଦିନ ସେମିତି ପାଳନ କରେ । ଏଥିରେ ତା'ର ଦୁଇଟି ଲାଭ ହୁଏ । ଅତୀତ କଥାକୁ ମନେପକାଇ ସେଥିରୁ ଶକ୍ତି ସଞ୍ଚୟ କରେ ଓ ଭବିଷ୍ୟତର ନିର୍ମାଣ ପାଇଁ ମାର୍ଗ ପ୍ରସ୍ତୁତ କରେ । ଆମ ଦେଶରେ ସେଥିପାଇଁ ଜାନୁଆରି ଛବିଶ, ସେଇଥି ପାଇଁ ଅଗଷ୍ଟ ପନ୍ଦର ପାଳନ କରାଯାଏ ।

ମଣିଷ ମନଟା ଏମିତି ଗଢ଼ା ଯେ, ଦୁଃଖ–କଷ୍ଟ ଯେତେବେଳେ ଆସେ ସେତେବେଳେ ଭାରି ବାଧେ । କିନ୍ତୁ ସେହି ଦୁଃଖ କଷ୍ଟ ଡେଇଁଗଲା ପରେ ତାକୁ ପୁଣି ମନେପକାଇ ସେ ଭାରି ଖୁସି ହୁଏ । ସେହି ଦୃଷ୍ଟିରୁ ବିଚାର କଲେ ଅଗଷ୍ଟ ପନ୍ଦରକୁ ପାଇବା ପାଇଁ ଜାତି କେତେ ଲହୁ ଲୁହ ଢାଳିଛି, କେତେ ଦୁଃଖ, ଦୈନ୍ୟ, ମାନ ଅପମାନ ଭୋଗିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେତିକି, ଗୌରବ ମନେହୁଏ ସେତିକି । 1857ରୁ ଏ ଦେଶରେ ବିଦେଶୀ ଅନ୍ୟାୟ ଅତ୍ୟାଚାରର ଯେଉଁ ସୁଅ ଛୁଟିଲା, ତା'ର ଅବସାନ ହେଲା ଦୀର୍ଘ ନବେ ବର୍ଷର ତପସ୍ୟା ପରେ – ଅଗଷ୍ଟ ପନ୍ଦର ତାରିଖରେ ।

ଅତୀତ କଥା ଭାବିଲେ ଏବେ ମନେପଡ଼ନ୍ତି ଦୁର୍ବଳ ମୋଗଲ ସମ୍ରାଟ ବାହାଦୁର ସାହା 'ଜାଫର' – ବର୍ମାର କେଉଁ ଏକ ନିଭୃତ କାରା ପ୍ରକୋଷ୍ଠରେ । ବ୍ରିଟିଶ ସରକାର ତାଙ୍କ ଦୁଇପୁତ୍ରଙ୍କର ମୁଣ୍ଡ କାଟି ତାଙ୍କୁ ଉପହାର ଦେଲେ ସେହି ବର୍ମା ଜେଲରେ । ସମ୍ରାଟ ଥିଲେ ଜଣେ କବି । କାନ୍ଦି କାନ୍ଦି କବିତା ପଂକ୍ତିରେ ଲେଖିଯାଇଥିଲେ – "ମାତୃଭୂମିରେ ମରିବା ପାଇଁ ତିନିହାତ ଜମି ମୋତେ ମିଳିଲା ନାହିଁ ।" ବ୍ରିଟିଶ ବାଦଶାହଙ୍କ ବିଜୟରେ ମୋଗଲ ରବି ଚିର ଅସ୍ତମିତ ହେଲା ।

**91. 'ନିତ୍ୟନୂତନ' କେଉଁ ସମାସ ?**

(1) ତତ୍ପୁରୁଷ
(2) ଦ୍ୱନ୍ଦ୍ୱ
(3) ଅବ୍ୟୟୀଭାବ
(4) ବହୁବ୍ରୀହି

**92. ଅତୀତକଥା ମନେପକାଇ ମଣିଷ ସେଥିରୁ କ'ଣ ସଞ୍ଚୟ କରେ ?**

(1) ତଥ୍ୟ
(2) ଅର୍ଥ
(3) ଉପଦେଶ
(4) ଶକ୍ତି

93. 'ଜାନୁଆରି ଛବିଶ' କ'ଣ ପାଇଁ ପାଳନ କରାଯାଏ ?

(1) ଅତୀତକୁ ମନେ ପକାଯାଏ

(2) ଭବିଷ୍ୟତ ନିର୍ମାଣ ପାଇଁ ମାର୍ଗ ପ୍ରସ୍ତୁତ ହୁଏ

(3) ବୀରପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଏ

(4) ଦେଶ ଓ ଜାତିକୁ ସମ୍ମାନ ଜଣାଯାଏ

94. ମଣିଷର _____ ଏମିତି ଗଢା ଯେ ଦୁଃଖକଷ୍ଟ ଯେତେବେଳେ ଆସେ ସେତେବେଳେ ଭାରିବାଧେ ।

(1) ଶରୀରଟା

(2) ହୃଦୟଟା

(3) ମନଟା

(4) ବିବେକଟା

95. କେଉଁ ମସିହାରେ ଦେଶରେ ବିଦେଶୀ ଅନ୍ୟାୟ ଅତ୍ୟାଚାରର ସୁଅ ଛୁଟିଥିଲା ?

(1) 1757

(2) 1857

(3) 1885

(4) 1920

96. ବର୍ମାର ଏକ ନିଭୃତ କାରାଗୃହରେ କାହାକୁ ବନ୍ଦୀ କରାଯାଇ ରଖାଯାଇଥିଲା ?

(1) ମହାତ୍ମାଗାନ୍ଧୀ

(2) ପଣ୍ଡିତ ନେହେରୁ

(3) ନେତାଜୀ ସୁଭାଷଚନ୍ଦ୍ର ବୋଷ

(4) ବାହାଦୁର ସାହା 'ଜାଫର'

97. ସମ୍ରାଟ ବାହାଦୁର ସାହା 'ଜାଫର' କାନ୍ଦି କାନ୍ଦି କ'ଣ ଲେଖିଥିଲେ ?

(1) ଗଳ୍ପ

(2) କବିତା

(3) ଉପନ୍ୟାସ

(4) ନାଟକ

98. ବର୍ମା ଜେଲ୍‌ରେ ବ୍ରିଟିଶ ସରକାର ଜାଫରଙ୍କୁ କ'ଣ ଉପହାର ଦେଇଥିଲେ ?

(1) ପବିତ୍ର କୋରାନ୍

(2) ଦାମୀ ପୋଷାକ

(3) ଉଚ୍ଚ ପଦବୀ

(4) ଦୁଇପୁତ୍ରଙ୍କ କଟାମୁଣ୍ଡ

99. ମନୁଷ୍ୟର ସବୁଠାରୁ ବେଶୀପ୍ରିୟ କ'ଣ ?

(1) ବର୍ତ୍ତମାନ

(2) ଭବିଷ୍ୟତ

(3) ଅତୀତ

(4) ଅନାକାଙ୍‌କ୍ଷିତ କାଳ

CONFIDENTIAL

**ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100 – 105 ର ଉତ୍ତର ପ୍ରଦାନ କର :**

ପଦ ଅନୁରୂପେ ବସନ ଭୂଷଣ
ଜଙ୍ଗ–ଭକ୍ଷ୍ୟ କ୍ଷୟଶୀଳ ତଲବାର,
ପୋଷକ ଚୂଟିଆ ମୂଷାର ଆହାର
ମୋତିମାଳ ଅସ୍ଥି–ବିକାର କେବଳ,
ଜଳକା ନୟନେ ଦିଶେ ଯା ଉଜ୍ଜ୍ୱଳ

ଶିର ପେଞ୍ଚ ଯାହା କିଛି ଦିନ ଅନ୍ତେ
ତରଳେ କରକା ପ୍ରାନ୍ତ କାଳଦନ୍ତେ ।
ପଦାର୍ଥ–ସମ୍ପର୍କ–ଶୂନ୍ୟ–ନୂଆ ପଦ
ସଙ୍ଗେ ମିଳିବ ଏ ନୁଆ ପରିଚ୍ଛଦ ।
ଏହି ଛାର ଏହି ଅକିଞ୍ଚିତ କର
ସମ୍ମାନ ସକାଶେ ଏଡେ ବ୍ୟସ୍ତ ନର
ହା ଧିକ ! ଏ ତ୍ୱକସାର ପଦପାଇଁ
ଦେଉଛନ୍ତି ଲୋକେ ସମ୍ପଦ ଉଡ଼ାଇ !

**100. 'ଶିରପେଞ୍ଚ' କହିଲେ କ'ଣ ବୁଝାଯାଏ ?**

(1) ମୁକୁଟ

(2) ଏକପ୍ରକାର ଅଳଙ୍କାରଯୁକ୍ତ ପଗଡ଼ି

(3) ଟୋପି

(4) ଗାମୁଛା

**101. କ'ଣ ପାଇଁ ମଣିଷ ବ୍ୟସ୍ତ ହୋଇଥାଏ ?**

(1) ଯଶ

(2) ଖ୍ୟାତି

(3) ସମ୍ମାନ

(4) ଧନରତ୍ନ

**102. 'ବସନଭୂଷଣ' ର କେଉଁ ବିଗ୍ରହ ବାକ୍ୟଟି ଠିକ୍ ?**

(1) ବସନ ରୂପକ ଭୂଷଣ

(2) ବସନ ଅଟେ ଭୂଷଣ

(3) ବସନ ଓ ଭୂଷଣ

(4) ଯେ ବସନ ସେ ଭୂଷଣ

**103. 'ନୂଆପଦ' କାହାକୁ ବୁଝାଉଛି ?**

(1) ନୂତନ ପଦ ସଂଯୋଜନା

(2) ନୂତନ ଉପାଧି

(3) ନୂଆ ଛନ୍ଦ

(4) ନୂତନ କବିତା

**104. 'ଶୂନ୍ୟ' ର ବିପରୀତ ଶବ୍ଦଟି କ'ଣ ?**

(1) ପୁରୁଣା

(2) ବିଶେଷ

(3) ପୂର୍ଣ୍ଣ

(4) ପୂରିତ

**105. 'ଜଙ୍ଗଭକ୍ଷ୍ୟ' ର ଅର୍ଥ କ'ଣ ?**

(1) ଜଙ୍ଗଲଦ୍ୱାରା ଭକ୍ଷିତ

(2) କଳଙ୍କି ଲାଗିଥିବା (କଳଙ୍କି ଭକ୍ଷିତ)

(3) ବନ୍ୟପ୍ରାଣୀ ଭକ୍ଷିତ

(4) କୀଟଦ୍ୱାରା ଭକ୍ଷିତ

**106. କୌଶଳ ଯୁକ୍ତ ପଠନ ______ ନୁହେଁ :**

(1) ଗଠନାତ୍ମକ

(2) ଆନୁମାନିକ

(3) ପ୍ରଗତିଶୀଳ

(4) ଉଦ୍ଦେଶ୍ୟମୂଳକ

**107. ଏଥି ମଧ୍ୟରୁ କେଉଁଟି ବିସ୍ତୃତପଠନ ସହ ସଂପୃକ୍ତ ନୁହେଁ ?**

(1) ଏହା ପଠନରେ ଅଧିକ ଆନନ୍ଦ ଦେଇଥାଏ

(2) ବିସ୍ତୃତ ଜ୍ଞାନ ଆହରଣ କରିବାକୁ ଏହା ତନ୍ନ-ତନ୍ନ ପଠନରେ ସହାୟକ ହୋଇଥାଏ

(3) ଭାଷାଶିକ୍ଷଣ ବିକାଶ କରିଥାଏ

(4) ପାଠ୍ୟର ସଂପୂର୍ଣ୍ଣ ବୋଧଗମ୍ୟତା ପାଇଁ ଏହାର ପଠନ କରାଯାଇଥାଏ

**108. ଲିଖନପଦ୍ଧତି କାହାଉପରେ ପର୍ଯ୍ୟବସିତ ?**

(1) ପଦ୍ଧତି

(2) ସାମଗ୍ରୀ

(3) ଉଭୟ ସାମଗ୍ରୀ ଓ ପଦ୍ଧତି

(4) ସୁନ୍ଦର ହସ୍ତାକ୍ଷରର ବ୍ୟବହାର

**109. ସାହିତ୍ୟକୁ ଭାଷା ପାଠ୍ୟକ୍ରମରେ ବ୍ୟବହାର କରିବାରେ ଏଥି ମଧ୍ୟରୁ କେଉଁଟି ସବୁଠାରୁ କମ୍ ଉପଯୋଗୀ ହୋଇଥାଏ ?**

(1) ଏହା ଶ୍ରବଣ ଓ କଥନ କୌଶଳର ସହାୟକ ହୋଇଥାଏ

(2) ଏହା ଯଥାର୍ଥ ସାମଗ୍ରୀ

(3) ଏହା ଶିକ୍ଷାର୍ଥୀଙ୍କୁ ଅନ୍ୟର ସଂସ୍କୃତି ସଂପର୍କରେ ଅବଗତ କରାଇଥାଏ

(4) ଏହା ଶିକ୍ଷାର୍ଥୀଙ୍କୁ ନିଜସ୍ୱ ଉତ୍ତର ଦେବାକୁ ଉତ୍ସାହିତ କରିଥାଏ

**110. ଏଥିମଧ୍ୟରୁ କେଉଁ ମନ୍ତବ୍ୟ ଠିକ୍ ?**

(1) ବିରାମଚିହ୍ନ ଦ୍ୱାରା ବାକ୍ୟର ଅର୍ଥରେ ପରିବର୍ତ୍ତନ ଆସିଥାଏ

(2) ବିରାମଚିହ୍ନଦ୍ୱାରା ବାକ୍ୟର ଅର୍ଥରେ ପରିବର୍ତ୍ତନ ଆସେନାହିଁ

(3) ବିରାମ ଚିହ୍ନର ବ୍ୟବହାରରେ ପାଠ୍ୟର ସୌନ୍ଦର୍ଯ୍ୟ ବୃଦ୍ଧିପାଏ

(4) ଅନର୍ଗଳ ଭାବରେ ପାଠ୍ୟ ପଠନରେ ବିରାମଚିହ୍ନ ବାଧା ସୃଷ୍ଟି କରିଥାଏ

**111. ଶିକ୍ଷାର୍ଥୀଙ୍କର ଲିଖନ କୌଶଳର ଆକଳନ କାହାଉପରେ ନିର୍ଭର କରେ ?**

(1) ନିର୍ଭୁଲ ବନାନ ଓ ବ୍ୟାକରଣ

(2) ମନ୍ତବ୍ୟ ପ୍ରକାଶ

(3) ଶବ୍ଦ ସୀମା ଅବଲମ୍ବନ

(4) ଲିଖନ ସମୟରେ ରୂଢ଼ି ଓ ପ୍ରବଚନର ବ୍ୟବହାର

112. ଏଥି ମଧ୍ୟରୁ କେଉଁଟି NCF–2005ର ନିର୍ଦ୍ଦେଶ ଅଧିନିୟମର ଅନ୍ତର୍ଭୁକ୍ତ ନୁହେଁ ?

(1) ଜ୍ଞାନକୁ ସ୍କୁଲ ବାହର ପରିବେଶ ସହିତ ଜଡ଼ିତ କରାଇବା

(2) ନୋଟ୍ ଗ୍ରହଣ କରିବା ପଦ୍ଧତିଠାରୁ ଶିକ୍ଷଣକୁ ଦୂରେଇରଖିବା

(3) ପାଠ୍ୟଖସଡା ପାଠ୍ୟପୁସ୍ତକ ଆଧାରିତ ହେବା

(4) ପରୀକ୍ଷା ପଦ୍ଧତିକୁ ଅଧିକ ସରଳ କରି ଶ୍ରେଣୀକକ୍ଷର ଜୀବନ ସହ ଯୋଡ଼ିବା

113. ଯେଉଁଥିରେ ଘଟଣାଆଧାରିତ ତଥ୍ୟପାଇଁ କ'ଣ ଘଟିଲା, କେତେବେଳେ ଘଟିଲା, କେଉଁଠି ଘଟିଲା ଏବଂ ଘଟଣାର ଶେଷ କିପରିହେଲା ଆଦିର ନିଚ୍ଛକ ଚିତ୍ର ଦେବାକୁ ଯାଇ ଶବ୍ଦର ବ୍ୟବହାର କରାଯାଇଥାଏ, ତାହାକୁ କୁହାଯାଏ –

(1) ପ୍ରକଳ୍ପକାର୍ଯ୍ୟ

(2) ଗୃହକାର୍ଯ୍ୟ

(3) ଏନିକ୍‌ଡଟାଲ୍ ରେକଡ

(4) ରେଟିଙ୍ଗ୍ ସ୍କେଲ୍

114. ଶିକ୍ଷାର୍ଥୀ ଭାଷାରେ କ'ଣ ଶିକ୍ଷା କରୁଛନ୍ତି ଜାଣିବାକୁହେଲେ ଏଥିମଧ୍ୟରୁ କେଉଁଟି ଉପଯୁକ୍ତ ମାଧ୍ୟମ ?

(1) ପରୀକ୍ଷା କରି ନମ୍ବର ଦବା

(2) ଶିକ୍ଷାର୍ଥୀ କବିତା, ଅନୁଚ୍ଛେଦ ଲେଖିବା

(3) ଜାତୀୟ ପାଠ୍ୟଖସଡ଼ା ପ୍ରସ୍ତୁତି

(4) ଭାଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

115. ୟୋଗୋସ୍କିଙ୍କର ସ୍କାଫୋଲଡିଙ୍ଗ ସିଦ୍ଧାନ୍ତ **(Scaffolding Hypothesis)** ଅନୁଯାୟୀ ଶିକ୍ଷକ ଯୁଗଳ ଭାବେ ଓ ଦଳଗତ ଭାବେ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେବା ଦରକାର, କାରଣ ______

(1) ଏହାଦ୍ୱାରା ଶିକ୍ଷକ ସହଜରେ କାର୍ଯ୍ୟ ତଦାରଖ କରିପାରନ୍ତି

(2) ଶିକ୍ଷାର୍ଥୀଙ୍କ ମଧ୍ୟରେ କ୍ରିୟା ପ୍ରକ୍ରିୟା ଚାଲିଥିବା ବେଳେ ଶିକ୍ଷକ ବିଶ୍ରାମ ନିଅନ୍ତି

(3) ସାମାଜିକ କ୍ରିୟାପ୍ରକ୍ରିୟା ଶିକ୍ଷଣ ନିମନ୍ତେ ଅଧିକ ଉପଯୋଗୀ ହୋଇଥାଏ

(4) ସାମାଜିକ କ୍ରିୟା ପ୍ରକ୍ରିୟା ଶିକ୍ଷାର୍ଥୀଙ୍କୁ ଭାଷାଶିକ୍ଷାରୁ ଦୂରେଇ ରଖିଥାଏ

116. ଭାଷାଶିକ୍ଷା ପ୍ରଥମେ ସରଳ ବାକ୍ୟଦ୍ୱାରା ପ୍ରଦାନ କରାଯାଇଥାଏ । ଏଥିରେ ଧ୍ୱନି ଓ ତାର ସଂଯୋଜନା ଉପରେ ଗୁରୁତ୍ୱ ଦିଆଯାଇ ନ ଥାଏ । ଏଥିରୁ ଜଣାଯାଏ ______

(1) ଯୋଗାଯୋଗ, ପୂର୍ଣ୍ଣ ବାକ୍ୟର ବ୍ୟବହାର ଉପରେ ନିର୍ଭରକରେ

(2) ଭାଷା ଆହରଣରେ ଉଚ୍ଚାରଣର ସ୍ଥାନ ନାହିଁ

(3) ଭାଷା ଶିକ୍ଷଣରେ ବ୍ୟାକରଣ ଓ ଉଚ୍ଚାରଣର ସମାନ ସ୍ଥାନ

(4) ବ୍ୟାକରଣ ଯୋଗାଯୋଗର ଉପଯୁକ୍ତ ଉପାଦାନ

117. ଜଣେ ସପ୍ତମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷକ 'ୟୁଟ୍ୟୁବ୍' ଭିଡିଓକୁ ଶିକ୍ଷା ପାଇଁ ବ୍ୟବହାର କରି ଦୃଶ୍ୟ ଉପରେ ନିର୍ଭର କରୁଥିବା ଶିକ୍ଷାର୍ଥୀ, ରେକର୍ଡିଂକୁ ଶ୍ରୁତି ଉପରେ ନିର୍ଭର କରୁଥିବା ଶିକ୍ଷାର୍ଥୀ ଏବଂ କ୍ରୀଡାପରିବେଶକୁ ପସନ୍ଦ କରୁଥିବା ଶିକ୍ଷାର୍ଥିଙ୍କ ବ୍ୟବହାର ଯୋଗ୍ୟ କ୍ରୀଡା ସାମଗ୍ରୀ,– ଆଦି ମଲଟିମିଡିଆର ବ୍ୟବହାର ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ଉପଲବ୍ଧ କରାଇଥାନ୍ତି । ସେମାନଙ୍କର ______ ଯାହାଥାଉନା କାହିଁକି

(1) ଭାଷାତାତ୍ତ୍ୱିକ ପ୍ରଭେଦ

(2) ଶିକ୍ଷଣ ଶୈଳୀ

(3) ଶିକ୍ଷଣ ବାଧା

(4) ଯଥାର୍ଥ ସାମଗ୍ରୀ

118. ବୋଧଜ୍ଞାନ ବିଶାରଦଙ୍କ ବିଚାର ଅନୁଯାୟୀ ଭାଷାଶିକ୍ଷକ ଶୀକ୍ଷାର୍ଥୀଙ୍କର ତ୍ରୁଟିକୁ କିପରି ଭାବେ ଦେଖିବା ଦରକାର ?

(1) ଶିକ୍ଷଣରେ ବାଧାବିଘ୍ନ

(2) ଚିନ୍ତନ ପାଇଁ ଉପାଦାନ ଯୋଗାଉଥିବା ଏକ ପ୍ରକାର ଶିକ୍ଷାପଦ୍ଧତି

(3) ଯାହାକିଛି ସଙ୍ଗେ ସଙ୍ଗେ ସେହିଠାରେ ସଂଶୋଧନ କରାଯାଏ ଏବଂ ପୁନରାବୃତ୍ତିକୁ ଉପେକ୍ଷା କରାଯାଇଥାଏ

(4) ସେମାନଙ୍କର ଶିକ୍ଷାରେ ଅବହେଳା, ଯାହା ସଙ୍ଗେ ସଙ୍ଗେ ଦୃଷ୍ଟିଦେବା ଦରକାର

119. ସଂପୂର୍ଣ୍ଣ ଶ୍ରବଣ କୁହାଯାଏ ଯେତେବେଳେ ______ ଲକ୍ଷ୍ୟ କରାଯାଏ ।

(1) ଧ୍ୟାନ

(2) ଧୈର୍ଯ୍ୟ

(3) ଶୃଙ୍ଖଳା

(4) ଅସହିଷ୍ଣୁତା

120. 'ମୌନପଠନ ଦ୍ୱାରା ଶିକ୍ଷାର୍ଥୀ ______ ଖୁବ୍ କମ୍ ଆହରଣ କରିପାରିବେ ।'

(1) ଶବ୍ଦଜ୍ଞାନ

(2) ବ୍ୟାକରଣ

(3) କଥନ କୌଶଳ

(4) ପଠନ କୌଶଳ

ପରୀକ୍ଷାର୍ଥୀ **ଭାଷା – II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – V** ରେ **(ପ୍ରଶ୍ନ ସଂଖ୍ୟା 121-150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V [Q. No. 121 – 150],** if they have opted **ODIA** as **LANGUAGE – II** only.

ଭାଗ – **V**

ଭାଷା – **II**

ଓଡ଼ିଆ

| |
|---|
| ପରୀକ୍ଷାର୍ଥୀ ଭାଷା – **II** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **V** ରେ (ପ୍ରଶ୍ନ ସଂଖ୍ୟା **121-150**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ । |

**ନିମ୍ନ ଅନୁଛେଦଟି ପାଠକରି ପ୍ରଶ୍ନସଂଖ୍ୟା 121 – 128 ର ଉତ୍ତର ପ୍ରଦାନ କର ।**

ସାହିତ୍ୟ ଏକପ୍ରକାର ସୃଷ୍ଟି । ମନୁଷ୍ୟ ବିଧିପ୍ରଦତ୍ତ ଅଦ୍ଭୁତ ମାନସିକ ଶକ୍ତିର ପ୍ରଭାବରେ ବିଚିତ୍ର ସାହିତ୍ୟଜଗତ୍ ସୃଷ୍ଟି କରିଅଛି । ଏଠାରେ ସେହି ଦିଓଟି ମୂଳ ଉପାଦାନ ପ୍ରୟୋଜନ ଓ ସୌନ୍ଦର୍ଯ୍ୟ । ମାନବ ସମାଜର ଅନ୍ୟ ସକଳ ବିଷୟ ପରି ପ୍ରୟୋଜନରୁ ଏହାର ଉତ୍ପତ୍ତି ଏବଂ ସୌନ୍ଦର୍ଯ୍ୟ ଜ୍ଞାନରୁ ଏହାର ଉନ୍ନତି । ଜୀବଶ୍ରେଣୀ ମଧ୍ୟରେ ମନୁଷ୍ୟର ଶ୍ରେଷ୍ଠତ୍ୱର ଯେତେଗୁଡ଼ିଏ କାରଣ ଅଛି, ତନ୍ମଧ୍ୟରେ ବାକ୍‌ଶକ୍ତି ବା ଭାଷା ଗୋଟିଏ । ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ପ୍ରାଣୀକୁ ଏହି ଶକ୍ତି ପ୍ରଦତ୍ତ ହୋଇନାହିଁ । ଅବଶ୍ୟ ଇତର ପ୍ରାଣୀମାନେ ବିଭିନ୍ନ ଅଭିପ୍ରାୟ ପ୍ରକାଶ କରିବା ପାଇଁ କେତେଗୁଡ଼ିଏ ସାଙ୍କେତିକ ଶବ୍ଦ କରିଥାନ୍ତି ଏବଂ ତାହାକୁ ଭାଷା ନାମଦେଇ କୌଣସି କୌଣସି ପଣ୍ଡିତ ତାହାର ତତ୍ତ୍ୱ ଅବଗତ ହେବାକୁ ଚେଷ୍ଟା କରିଅଛନ୍ତି ଓ କରୁଛନ୍ତି – ଏହିପରି ଜଣେ ପାଶ୍ଚାତ୍ୟ ପଣ୍ଡିତ ବାନରମାନଙ୍କ ଭାଷା ଶିକ୍ଷା କରିବା ପାଇଁ ବହୁ କଷ୍ଟ ସ୍ୱିକାର କରିଛନ୍ତି ଏବଂ କେତେକ ପରିମାଣରେ କୃତକାର୍ଯ୍ୟ ମଧ୍ୟ ହୋଇଛନ୍ତି । ଯଥାର୍ଥ ଭାଷା ଅର୍ଥରେ ଆମ୍ଭେମାନେ ଯାହା ବୁଝୁଁ, ତାହା ଅନ୍ୟ କୌଣସି ପ୍ରାଣୀଠାରେ କେହି ଆବିଷ୍କାର କରିନାହିଁ ବା କରିପାରିବ ନାହିଁ, ଏହା ନିଶ୍ଚିତ କଥା । ଏହା ଭଗବାନଙ୍କର ଗୋଟିଏ ଅମୂଲ୍ୟ ଦାନ । ଏହାରି ସାହାଯ୍ୟରେ ମନୁଷ୍ୟର ସର୍ବପ୍ରକାର ମନୋଭାବ ଦେଶ ଦେଶାନ୍ତରରେ ପରିବ୍ୟାପ୍ତ ହେଉଅଛି ଏବଂ ମାନବର ଜ୍ଞାନରାଜ୍ୟ ଏଡେ ସହଜରେ ବିସ୍ତୃତ ହେଉଅଛି । ଜୀବନର ପ୍ରୟୋଜନ ସାଧନ ଉଦ୍ଦେଶ୍ୟରେ ମନୁଷ୍ୟ ନାନା ସ୍ଥାନ ଭ୍ରମଣ କରି ନାନା ବ୍ୟକ୍ତିଙ୍କ ସଙ୍ଗେ ମିଳିତ ହୋଇ ନାନା ବିଷୟ ଆବିଷ୍କାର କରିଅଛି ଓ ନାନାଭାବ ଲାଭ କରିଅଛି ଏବଂ ସେହି ସମସ୍ତ ବିଷୟ ଓ ଭାବ ପ୍ରକାଶ କରିବାର ଚେଷ୍ଟାରୁ ସାହିତ୍ୟର ଉତ୍ପତ୍ତି । ମନୁଷ୍ୟ କେବଳ ବହିର୍ଜଗତର ଜୀବ ନୁହେଁ – କେବଳ ଆହାର ବିହାର ପ୍ରଭୃତି ବହିର୍ବ୍ୟାପାରରେ ତାହାର ଜୀବନ ପର୍ଯ୍ୟବସିତ ନୁହେଁ । ସ୍ନେହ, ପ୍ରୀତି, ଦୟା, କ୍ଷମା, ବିଶ୍ୱାସ, ଭକ୍ତି ପ୍ରଭୃତିର ବୀଜ ତାହାର ପ୍ରାଣରେ ନିହିତ ରହିଅଛି । ସକଳ ବିଷୟରେ ଅନନ୍ତ–ଉନ୍ନତି–ପ୍ରବଣତା ମାନବର ଗୋଟିଏ ବିଶେଷ ଲକ୍ଷଣ

**121. କେଉଁ ଜ୍ଞାନରୁ ସାହିତ୍ୟର ଉନ୍ନତି ହୋଇଥାଏ ?**

(1) ବୈଷୟିକ

(2) ସୌନ୍ଦର୍ଯ୍ୟ

(3) ଜ୍ୟୋତିଷ

(4) ସାମାଜିକ

122. ଅଭିପ୍ରାୟ ପ୍ରକାଶ ପାଇଁ ଇତର ପ୍ରାଣୀମାନେ କେତେକ ____ କରିଥାନ୍ତି ।

(1) ଶବ୍ଦ

(2) ଠାର

(3) ଇଙ୍ଗିତ

(4) ଅଙ୍ଗଭଙ୍ଗୀ

123. କେଉଁଟି ଭଗବାନଙ୍କର ଅମୂଲ୍ୟ ଅବଦାନ ?

(1) ଭାବ

(2) ଜ୍ଞାନ

(3) ଭାଷା

(4) ସାହିତ୍ୟ

124. ସକଳ ବିଷୟରେ କେଉଁ ପ୍ରବଣତା ମାନବର ଗୋଟିଏ ବିଶେଷ ଲକ୍ଷଣ ?

(1) ଆଧ୍ୟାତ୍ମିକ ଉନ୍ନତି

(2) ବୈଷୟିକ ଉନ୍ନତି

(3) ଆର୍ଥିକ ଉନ୍ନତି

(4) ଅନନ୍ତ ଉନ୍ନତି

125. 'ପ୍ରୟୋଜନ' ରେ କେଉଁ ଉପସର୍ଗ ଲାଗିଛି ?

(1) ପରି

(2) ଅପ

(3) ପ୍ର

(4) ପ୍ରତି

126. 'ବହିର୍ଜଗତ' ର କେଉଁ ସନ୍ଧିରୂପଟି ଠିକ୍ ?

(1) ବାହ୍ୟ + ଜଗତ

(2) ବହିଃ + ଜଗତ

(3) ବହ + ଜିଗତ

(4) ବ + ହିଜଗତ

127. 'ଅମୂଲ୍ୟ' – କେଉଁ ସମାସ ?

(1) କର୍ମଧାରୟ

(2) ତତ୍ପୁରୁଷ

(3) ବହୁବ୍ରୀହି

(4) ଅବ୍ୟୟୀଭାବ

128. ବିଧିପ୍ରଦତ୍ତ କେଉଁ ଶକ୍ତିର ପ୍ରଭାବରେ ମନୁଷ୍ୟ ସାହିତ୍ୟଜଗତ ସୃଷ୍ଟିକରିଅଛି ?

(1) କାୟିକ

(2) ବାଚିକ

(3) ମାନସିକ

(4) ଆଧ୍ୟାତ୍ମିକ

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 129 ରୁ 135 ର ଉତ୍ତର ପ୍ରଦାନ କର ।**

ବଡ଼ ମନରେ ଛୋଟ କଥାଗୁଡ଼ିକ ଆଦର ପାଏ ଦେଖି ଅନେକ ସମୟରେ ଆଶ୍ଚର୍ଯ୍ୟ ଲାଗେ । ରଜା ପୁଅ ଚାଉଳ ଚୋବାଇବା କଥା ଠିକ୍ ଏହିପରି । ଏବେ ରବି ଠାକୁରଙ୍କ 'ଛିନ୍ନପତ୍ର' ପଢୁ ପଢୁ ସେହିକଥା ଦେଖିଲି । ସାରା ବହିଟାକୁ ଚିପୁଡ଼ିଦେଲେ ମୋଟେ ତିନି ଚାରୋଟି କଥା ସେଥିରେ ସାର । ଆକାଶ, ପୃଥିବୀ, ପଦ୍ମାନଦୀ, ସକାଳ ଓ ସଂଧ୍ୟା । ଆମେ ନିତି ଏଥିରୁ କେଉଁ ଟି ନ ଦେଖୁ । ମାତ୍ର କବି ତାଙ୍କର ଭାବଚକ୍ଷୁରେ ନିତି ତାକୁ ନୂଆ ନୂଆ ଦେଖି କେମିତି ମୁଗ୍ଧ ହୁଅନ୍ତି ସେତିକି ଆଶ୍ଚର୍ଯ୍ୟ ଲାଗେ । ଇଂରେଜ ଜାତିର ପ୍ରାଣ ପ୍ରୀତି ଦେଖିଲେ ଠିକ୍ ସେଇକଥା ମନେ ପଡ଼େ । ଯେଉଁ କଥା ସୁଣିଲେ ଆମେ ହସିବା, ତାଙ୍କ ଖବରକାଗଜରେ ସେହିଭଳି କଥା ବରାବର ପ୍ରକାଶ ପାଏ । ବ୍ୟବସାୟ, ବିଜ୍ଞାନ, ରାଜନୀତିରେ ଦିନ ଦିନ ଲାଗି ବୋଧହୁଏ ଇଂରେଜ ଲୋକେ ବ୍ୟସ୍ତ ହୋଇ ପଡ଼ନ୍ତି । ତେଣୁ ଛୋଟ ଛୋଟ କଥାରେ ଆନନ୍ଦ ପାଇବାପାଇଁ ଚେଷ୍ଟା କରନ୍ତି ।

ଆମ ଲୋକଙ୍କୁ ଲଣ୍ଡନର 'ମାନଚେଷ୍ଟର ଗାର୍ଡିଆନ' ଖବରକାଗଜ ଅନେକଦିନୁ ଜଣାଶୁଣା । ଭାରତ ସମ୍ପର୍କରେ ଏହି ପତ୍ରିକାରେ କେତେଥର ସମ୍ପାଦକୀୟ ବାହାରେ । ସେହି କାଗଜରେ "ମଫସଲ ଡାଏରୀ" ବୋଲି ଗୋଟିଏ ବିଭାଗ ପ୍ରତିଦିନ ପ୍ରକାଶିତ ହୁଏ । ସେଥିରେ ଯେଉଁ କଥା ସବୁ ବାହାରେ ତା ଦେଖି ଆଶ୍ଚର୍ଯ୍ୟ ଲାଗେ ଯେ ଏ ଦେଶ ଲୋକଙ୍କର ଛୋଟ ଛୋଟ ଜୀବଜନ୍ତୁଙ୍କ ବିଷୟରେ କୌତୁହଳ କେତେ ବେଶି । କେତେ ଦିନର ଡାଏରୀ କେବଳ ମୁଁ ଏଥିରେ ପ୍ରକାଶ କରିବି, ତା ଛଡ଼ା ଅନ୍ୟ କିଛି ନୁହେଁ ।

129. **କାହାର ଭାବଚକ୍ଷୁରେ ଆକାଶ, ପୃଥିବୀ ଆଦି ନିତି ନୂଆ ରୂପ ନେଇଥାଏ ?**

(1) ଭାବୁକ

(2) ଭକ୍ତ

(3) କବି

(4) ରସିକ

130. **ଛୋଟଛୋଟ କଥାରେ ଇଂରେଜମାନେ କ'ଣ ପାଇବା ପାଇଁ ଚେଷ୍ଟାକରନ୍ତି ?**

(1) ଲେଖାର ସୂତ୍ର

(2) ଆନନ୍ଦ

(3) ଖୋରାକ

(4) ଉପାଦାନ

131. **ଛୋଟ ଛୋଟ ଜୀବଜନ୍ତୁଙ୍କ ପାଇଁ କୌତୂହଳ କେଉଁଦେଶର ଲୋକଙ୍କର ଅଧିକ ଦେଖାଯାଏ ?**

(1) ଆମେରିକାବାସୀ

(2) ଲଣ୍ଡନନିବାସୀ

(3) ଭାରତୀୟ

(4) ସୁଇଜରଲାଣ୍ଡନିବାସୀ

132. **'ବିଜ୍ଞାନ' – କେଉଁ ସମାସ ?**

(1) ତତ୍‌ପୁରୁଷ

(2) କର୍ମଧାରୟ

(3) ଦ୍ୱନ୍ଦ୍ୱ

(4) ବହୁବ୍ରୀହି

133. **'ସଂପାଦକୀୟ' ରେ କେଉଁ ପ୍ରତ୍ୟୟ ରହିଛି ?**

(1) ଇଅ

(2) ଇୟ

(3) ଈୟ

(4) କୀୟ

134. **'ଅପ୍ରକାଶ' ର ବୀପରୀତ ଶବ୍ଦ କେଉଁଟି ?**

(1) ପ୍ରଚ୍ଛନ୍ନ

(2) ପ୍ରବେଶ

(3) ପ୍ରକାଶ

(4) ପ୍ରଶମ

135. 'ଛିନ୍ନପତ୍ର' – କାହାର ରଚନା ?

(1) ଦେବେନ୍ଦ୍ରନାଥ ଠାକୁର

(2) ରବୀନ୍ଦ୍ରନାଥ ଠାକୁର

(3) ଅବନୀନ୍ଦ୍ରନାଥ ଠାକୁର

(4) ଜ୍ୟୋତିରୀନ୍ଦ୍ରନାଥ ଠାକୁର

**136. ବିସ୍ତୃତ ପଠନ ଶିକ୍ଷାର୍ଥୀଙ୍କ ଉତ୍ସାହ ବଢାଇଥାଏ କିପରି ?**


(1) ଅପରିଚିତ ଶବ୍ଦର ଅର୍ଥ ବାହର କରିଥାନ୍ତି

(2) ପାଠ୍ୟରେ ବ୍ୟବହୃତ ବ୍ୟାକରଣିକ ଶବ୍ଦର ବ୍ୟବହାର ଜାଣିଥାନ୍ତି

(3) କବିତା ଆବୃତ୍ତି କରିପାରିଥାନ୍ତି

(4) ପାଠ୍ୟକୁ ଆମୋଦ ନିମନ୍ତେ ପଠନ କରିଥାନ୍ତି

**137. ଶିକ୍ଷକ ଲେ (Leh) ଉପରେ ଏକ ପାଠ୍ୟ ପଢାଇବାକୁ ବାଛନ୍ତି । ଏହା ଆରମ୍ଭ ପୂର୍ବରୁ ସେ ଚିତ୍ର ମାଧ୍ୟମରେ ସୂଚନାଦେବାକୁଯାଇ ବ୍ଲାକ୍‌ବୋର୍ଡରେ ଏପରି ଏକ ଚିତ୍ର ଆଙ୍କିଥିଲେ**



**ଶିକ୍ଷକଙ୍କଦ୍ୱାରା ଅଙ୍କିତ ଚିତ୍ରକୁ କ'ଣ କୁହାଯିବ ?**

(1) ରାଜ୍ୟର ମାନଚିତ୍ର

(2) ଅବଧାରଣା ମାନଚିତ୍ର

(3) ବିଷୟବସ୍ତୁ ମାନଚିତ୍ର

(4) ଚିତ୍ରିତ ସାମଗ୍ରୀ

**138. ଶିକ୍ଷାର୍ଥୀମାନେ ସାର୍ଥକ ରୂପେ ଲେଖିପାରିବେ ଯେତେବେଳେ ଲିଖନ ବିଷୟ ବସ୍ତୁରେ ____**

(1) ଶିକ୍ଷକଙ୍କଦ୍ୱାରା ଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶ ଥିବ

(2) ଶିକ୍ଷାର୍ଥୀଙ୍କ ପରିବେଶ ଅନୁଯାୟୀ ଅର୍ଥଦ୍ୟୋତକ ହୋଇଥିବ

(3) ଶିକ୍ଷକଙ୍କ ପରିବେଶ ସଂସ୍କୃତି ସହିତ ଜଡିତ ହୋଇଥିବ

(4) ଲିଖିତ ରୂପ ସହିତ କଥିତ ଧ୍ୱନିର ସଂପର୍କ ଥିବ

**139. ଏଥିମଧ୍ୟରୁ କେଉଁଟି ପ୍ରଡକ୍ଟ ଆପ୍ରୋଚ (product approach) ସଂପର୍କରେ ସତ୍ୟ ନୁହେଁ ?**

(1) ଏହା ଅତ୍ୟଧିକ ଶିକ୍ଷକକୈନ୍ଦ୍ରିକ ଥିଲେ

(2) ଏହା ବ୍ୟବହାରିକ ପଦ୍ଧତି ଆଧାରିତ ହୋଇଥିଲେ

(3) ଏହା ଫିନିସ୍‌ଡ ପ୍ରଡକ୍ଟ (Finished Product) ଉପରେ ଗୁରୁତ୍ୱ ଦେଉଥିଲେ

(4) ଏହା ଉତ୍ପାଦନ ଓ ନୂତନବିଚାରର ଉଦ୍ରେକ ଉପରେ ଗୁରୁତ୍ୱ ଦେଉଥିଲେ

**140. ପ୍ରସେସ୍ ପଦ୍ଧତି ଅନୁଯାୟୀ ଏଥିମଧ୍ୟରୁ କେଉଁଟି ଶିକ୍ଷକ ଲିଖନ ପ୍ରକ୍ରିୟା ଆରମ୍ଭ କଲାବେଳେ ବ୍ୟବହାର କରିବା ଉଚିତ ନୁହେଁ ?**

(1) ମାନସିକ ଆଲୋଡନ

(2) ଶ୍ରୁତଲିଖନ

(3) ଡ୍ରାଫ୍‌ଟଲିଖନ

(4) ପ୍ରୁଫ୍‌ରିଡିଙ୍ଗ୍

**141. ପ୍ରତ୍ୟେକ ଭାଷା ଶିକ୍ଷା କକ୍ଷରେ ଅଭିନୟ ମୁଖ୍ୟଧାରା ହେବା ଆବଶ୍ୟକ କାରଣ ___**

(1) ଏହା ବିନାଦ୍ୱିଧାରେ କଥାବାର୍ତ୍ତା ହେବାର ସୁଯୋଗ ଦେଇଥାଏ

(2) ଏହା ଏକ ଶ୍ରେଣୀକକ୍ଷ ପରିଚାଳନାର ଫଳପ୍ରଦ ପଦ୍ଧତି

(3) ଏହା ଶିକ୍ଷାର୍ଥୀଙ୍କୁ କଥାଟି ମନେ ରଖିବାରେ ସାହାଯ୍ୟ କରେ

(4) ଏହା ଦ୍ୱାରା ଶିକ୍ଷାର୍ଥୀ ଅର୍ଥଦ୍ୟୋତକ ବାର୍ତ୍ତାଳାପରେ ମଗ୍ନ ରହିପାରନ୍ତି

**142. ଯେତେବେଳେ ଶିଶୁକୁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ କବିତାଟିଏ ଲେଖିବାକୁ ଦିଆଯାଏ ସେତେବେଳେ ସେମାନେ କ'ଣ ବ୍ୟବହାର କରିଥାନ୍ତି ?**

(1) ସୃଜନାତ୍ମକ ଚିନ୍ତନ

(2) ସଂବେଦନଶୀଳ ଚିନ୍ତନ

(3) ସମବେଦନାତ୍ମକ ଚିନ୍ତନ

(4) ସାଂସ୍କୃତିକ ଚିନ୍ତନ

**143. ଶିକ୍ଷାର୍ଥୀଙ୍କର ଉତ୍ତମ ଫଳ ଅଭ୍ୟାସ ନିମନ୍ତେ ଶବ୍ଦଜ୍ଞାନ ବୃଦ୍ଧି ଏକ ଉପାଦେୟ ଆବଶ୍ୟକତା । ଏଥିମଧ୍ୟରୁ କେଉଁଟି ଶବ୍ଦଜ୍ଞାନ ବୃଦ୍ଧି ନିମନ୍ତେ ଏକ ପଦ୍ଧତି ଭାବେ ଗ୍ରହଣ କରାଯିବ ?**

(1) ସମାର୍ଥକ ଓ ବିପରୀତାର୍ଥକ ଶବ୍ଦର ଏକ ଦୀର୍ଘସୂଚୀକୁ ଶିକ୍ଷାର୍ଥୀ ମନେ ରଖିବେ

(2) ନୂତନ ଶବ୍ଦ ପାଇଲେ ଶିକ୍ଷାର୍ଥୀ ସଙ୍ଗେ ସଙ୍ଗେ ଶବ୍ଦକୋଷର ସାହାଯ୍ୟ ନେବେ

(3) ଶିକ୍ଷାର୍ଥୀ କଠିନ ଶବ୍ଦକୁ ରେଖାଦ୍ୱାରା ଚିହ୍ନିତ କରାଇ ତାର ବ୍ୟବାହରରେ ବାକ୍ୟ ଗଠନ କରିବେ

(4) ନୂତନ ଶବ୍ଦର ଅର୍ଥ ଅନୁମାନ କରିବା ପାଇଁ ଶିକ୍ଷାର୍ଥୀ ପରିବେଶକୁ ବ୍ୟବହାର କରିବା ଶିଖିବେ

**144. ଜଣେ ଶିକ୍ଷକ ଅନୁଧ୍ୟାନ କରି ଲେଖା ଆରମ୍ଭ କରିଥାନ୍ତି, ଫଳରେ ସେ ବାଲ୍ୟଜୀବନର କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଉଲ୍ଲେଖ କରିଥାନ୍ତି, ଏହାକୁ କ'ଣ କୁହାଯାଏ ?**

(1) ସଂକ୍ଷିପ୍ତଟିପ୍ପଣି

(2) ନକ୍ସା ବା ଚିତ୍ର

(3) ପର୍ଯ୍ୟବେକ୍ଷଣ

(4) ବିବରଣାତ୍ମକ ଉପାଖ୍ୟାନ

**145. ଏଥି ମଧ୍ୟରୁ କେଉଁଟିକୁ କଥନର ସଫଳତା ଭାବେ ଗ୍ରହଣ କରାଯାଏ ?**

(1) ଶିକ୍ଷାର୍ଥୀଙ୍କର ଅସମ ଅଂଶଗ୍ରହଣ

(2) ଯେଉଁ କାର୍ଯ୍ୟଦ୍ୱାରା ଶୀକ୍ଷାର୍ଥୀ କିଛି କହିବାର ସୁଯୋଗ ପାଇଥାନ୍ତି

(3) ଧାର୍ଯ୍ୟ ଭାଷାରେ କହିବାକୁ ଶିକ୍ଷାର୍ଥୀଙ୍କୁ ବାଧ କରାଯାଏ

(4) ଶ୍ରେଣୀର ସଫଳ ପରିଚାଳନା ନିମନ୍ତେ ଦୃଷ୍ଟି ଆକର୍ଷଣ କରୁଥିବା ଶିକ୍ଷାର୍ଥୀଙ୍କୁ ଅଧିକ କହିବାର ସୁଯୋଗ ଦେଇଥାଏ

**146. ୟୋଗୋସ୍କିଙ୍କ ମତ ଅନୁଯାୟୀ ____ ଭାଷା ଶିକ୍ଷାନିମନ୍ତେ ଅଧିକ ଉପଯୋଗୀ ଉପାଦାନ**

(1) ସାମାଜିକ ବାର୍ତ୍ତାଳାପ

(2) ପାଠ୍ୟ ପୁସ୍ତକ

(3) ରେଡିଓ

(4) ଶବ୍ଦକୋଷ

**147. ଏଥିମଧ୍ୟରୁ କେଉଁକାର୍ଯ୍ୟ କଥନ କୌଶଳ ଅଭ୍ୟାସ ପାଇଁ ଉପଯୋଗୀ ?**

(1) ଶିକ୍ଷାର୍ଥୀ କୌଣସି ଏକ ବିଷୟରେ ଛୋଟ ପ୍ରେଜେଣ୍ଟେସନ ପ୍ରସ୍ତୁତ କରିଥାନ୍ତି

(2) ଶିକ୍ଷକ ସେମାନଂକୁ ଏକ ଉଦ୍ଦେଶ୍ୟମୂଳକ ଶ୍ରୁତଲିଖନ ଦେଇଥାନ୍ତି

(3) ଶିକ୍ଷାର୍ଥୀ ଦିଆଯାଇଥିବା ଟିପ୍ପଣି ଅନୁଯାୟୀ ଗଳ୍ପଟିର ଏକ ଭିନ୍ନ କାହାଣୀ କହିଥାନ୍ତି

(4) ଶିକ୍ଷାର୍ଥୀ ଏକ ଉତ୍ତମ ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି

**148. ପଠନର କେଉଁ ସ୍ତରରେ ଶିକ୍ଷାର୍ଥୀଙ୍କୁ ପଠନର ପୂର୍ବଜ୍ଞାନ ସହିତ ନୂତନ ଭାବରେ ଆହାରଣ କରିଥିବା ବାହାର ଦୁନିଆ ସଂପର୍କରେ ଜ୍ଞାନ ଯୋଡ଼ି ଦେଖିବାର ସୁଯୋଗ ଦିଆଯାଇଥାଏ ?**

(1) ପୂର୍ବପଠନ

(2) ପଠନ ସମୟରେ

(3) ପଠନ ଆରମ୍ଭପୂର୍ବରୁ

(4) ପରପଠନ

**149. ବୋଧଶକ୍ତିଲବ୍ଧ ଶୀକ୍ଷାର୍ଥୀ ସହଜରେ ଭାଷା ଶିକ୍ଷା କରିଥାନ୍ତି, ଯେତେବେଳେ ____**

(1) ଶ୍ରେଣୀକକ୍ଷ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଥାଏ ଏବଂ ସେ ଶିକ୍ଷାର୍ଥୀଙ୍କୁ ଖୁବ୍ କମ୍ ସୁଯୋଗ ଦେଇଥାନ୍ତି

(2) ଶିକ୍ଷକ ଶିକ୍ଷାର୍ଥୀଙ୍କୁ ବ୍ୟାକରଣ ମନେ ରଖିବା ପାଇଁ ଉତ୍ସାହିତ କରିଥାନ୍ତି

(3) ଶିକ୍ଷାର୍ଥୀ ବ୍ଲାକବୋର୍ଡରୁ ପରିଷ୍କାର ଭାବରେ ଉତ୍ତର ନକଲ କରିନିଅନ୍ତି

(4) ସେ ଶିକ୍ଷାର୍ଥୀଙ୍କୁ ସବୁ କାର୍ଯ୍ୟରେ ଅଂଶଗ୍ରହଣ ସହିତ କାର୍ଯ୍ୟଦ୍ୱାରା ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ଉତ୍ସାହିତ କରିଥାନ୍ତି

**150. ଜଣେ ଉତ୍ତମଶ୍ରୋତା ____**

(1) ଶବ୍ଦକୁ କିପରି କହିବାକୁ ହେବ ସହଜରେ ଜାଣି ନିଅନ୍ତି

(2) ଉଦ୍ଦେଶ୍ୟ କିପରି ବ୍ୟବହାର କରାଯାଏ ତାହା ଜାଣି ପାରନ୍ତି

(3) ପଚରାଯାଇଥିବା ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥାନ୍ତି

(4) ପ୍ରତ୍ୟେକ ଶବ୍ଦକୁ ସହଜରେ ଉଚ୍ଚାରଣ କରିଥାନ୍ତି

**SPACE FOR ROUGH WORK**

**ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :**

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟ୍‌ରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

**निम्नलिखित निर्देशों को ध्यान से पढ़ें :**

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें ।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉल पॉइन्ट पेन** से भरें । एक बार उत्तर अंकित करने के बाद उसे बदला नहीं जा सकता है ।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें ।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
5. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
6. OMR उत्तर पत्र में कोडित जानकारी को एक मशीन पढ़ेगी । इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए ।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
8. मोबाइल फोन, बेतार संचार युक्तियाँ (स्वीच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए । इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित ।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
11. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अंगूठे का निशान हाज़िरी-पत्र में दिए गए स्थान पर अवश्य लगाएँ ।**
12. इलेक्ट्रॉनिक / हस्तचालित परिकलक का उपयोग वर्जित है ।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
14. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
15. **परीक्षा सम्पन्न होने पर, परीक्षार्थी हॉल / कक्ष छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें । परीक्षार्थी अपने साथ इस परीक्षा पुस्तिका को ले जा सकते हैं ।**

**READ THE FOLLOWING INSTRUCTIONS CAREFULLY:**

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his / her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his / her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic / Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***